# ODISHA SKILL DEVELOPMENT AUTHORITY (OSDA)

ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ଓ ଓଡ଼ିଶା ଦକ୍ଷତା ବିକାଶ ପ୍ରଧୀକାରଣ ସହଯୋଗରେ

# ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା-୨୦୨୨-୨୩

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରଧୀକାରଣ ଓ ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ର ମିଳିତ ସହଯୋଗରେ ଜିଲ୍ଲାର ସମସ୍ତ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା- ୨୦୨୨-୨୩ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

ଏହି ନିଯୁକ୍ତି ପରାମର୍ଶ ମେଳା ଗୁଡ଼ିକରେ ଜିଲ୍ଲାର ବେକାର ଯୁବକ ଓ ଯୁବତୀ ମାନଙ୍କୁ ଚୟନ କରାଯାଇ ସେମାନଙ୍କର ତାଲିମର ବ୍ୟବସ୍ଥା କରାଯିବ । ତାଲିମ ସମାପ୍ତ ପରେ ସେମାନଙ୍କର ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା କରାଯିବ । ଏତତ ବ୍ୟତିତ ତାଲିମ ସମୟରେ ମାଗଣା ରେ ରହିବା, ଖାଇବା, ପିଇବା, ପୋଷାକ ପାତ୍ର, ପଠନ ଉପକରଣ ଏବଂ ଟ୍ରେନିଂ ର ସମସ୍ତ ସୁବିଧା ସୁଯୋଗ ମାନ ଯୋଗାଇ ଦିଆ ଯିବ ।ତାଲିମ ସମାପ୍ତ ପରେ ସେମାନଙ୍କର ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା, ଆତ୍ମ ନିଯୁକ୍ତି ଓ ଉଦ୍ଯୋଗ ବିକାଶ ନିମନ୍ତେ ସହଯୋଗ ଯୋଗାଇ ଦିଆଯିବ ।

ଏହି ମେଳରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ୫ମ ଶ୍ରେଣୀ ଠାରୁ +୩ ପାସ, ଆଇ.ଟି.ଆଇ. ଓ ଡିପ୍ଲୋମା ପର୍ଯ୍ୟନ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୟ ବେକାର ଯୁବକ ଓ ଯୁବତୀମାନେ ଅଂଶ ଗ୍ରହଣ କରିପାରିବେ । ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଯୋଗଦେଇ ଜିଲ୍ଲାର ବେକାରୀ ଦୂରୀକରଣରେ ସହଯୋଗ କରିବାକୁ ଅନୁରୋଧ । ଉକ୍ତ ମେଳାରେ ଜିଲ୍ଲା ଓ ରାଜ୍ୟରୁ ଦକ୍ଷତା ବୃଦ୍ଧି ତାଲିମ ଓ ନିଯୁକ୍ତି ସୁଯୋଗ ଦେଉଥିବା ସରକାରୀ ଅନୁବନ୍ଧିତ ଅନୁଷ୍ଠାନ ଗୁଡ଼ିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଏତଦ ବ୍ୟତୀତ ଏହି କାର୍ଯକ୍ରମରେ ସିଧା ସଳଖ ନିଯୁକ୍ତି ପ୍ରଦାନ କରୁଥିବା କିଛି ଅନୁଷ୍ଠାନ ଗୁଡ଼ିକ ମଧ୍ୟ ଯୋଗଦାନ କରିବାର କାର୍ଯକ୍ରମ ମଧ୍ୟ ରହିଅଛି ।

ତଦସହିତ ଯେଉଁ ପ୍ରାର୍ଥୀ ମାନେ ସରକାରୀ ଆଇ.ଟି.ଆଇ ଓ ଡିପ୍ଲୋମା ପାଠ୍ୟକ୍ରମ-୨୦୨୩ ଶିକ୍ଷାବର୍ଷ ରେ ପାଠ ପଢିବା / ନାମ ଲେଖାଇବା ପାଇଁ ଇଛୁକ, ସେହି ପ୍ରାର୍ଥୀ ମାନେ କିମ୍ବା ତାଙ୍କ ଅଭିଭାବକ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ତାଙ୍କର ଆବେଦନ ପାତ୍ର ଦାଖଲ କରିପାରିବେ ।

| ବ୍ଲକର ନାମ | ପରାମର୍ଶ ମେଳାର ତାରିଖ | ବ୍ଲକର ନାମ | ପରାମର୍ଶ ମେଳାର ତାରିଖ |
|---|---|---|---|
| ବାରିପଦା | ୨୦.୦୨.୨୦୨୩ | ଉଦଳା | ୧୫.୦୩.୨୦୨୩ |
| ସାମାଖୁଣ୍ଟା | ୨୧.୦୨.୨୦୨୩ | ବିଶୋଇ | ୧୬.୦୩.୨୦୨୩ |
| ମୋରଡା | ୨୨.୦୨.୨୦୨୩ | ବିଜାତଲା | ୧୭.୦୩.୨୦୨୩ |
| ରାସଗୋବିନ୍ଦପୁର | ୨୩.୦୨.୨୦୨୩ | ରାଇରଙ୍ଗପୁର | ୧୮.୦୩.୨୦୨୩ |
| ବେତନଟୀ | ୨୪.୦୨.୨୦୨୩ | ବହଳଦା | ୨୦.୦୩.୨୦୨୩ |
| ବଡ଼ସାହି | ୨୭.୦୨.୨୦୨୩ | ତିରିଙ୍ଗ | ୨୧.୦୩.୨୦୨୩ |
| ଶୁଳିଆପଦା | ୨୮.୦୨.୨୦୨୩ | କୁସୁମୀ | ୨୨.୦୩.୨୦୨୩ |
| କୁଳିଆଣା | ୦୧.୦୩.୨୦୨୩ | ଜାମଦା | ୨୩.୦୩.୨୦୨୩ |
| ସାରସକଣା | ୦୨.୦୩.୨୦୨୩ | ଯଶିପୁର | ୨୪.୦୩.୨୦୨୩ |
| ବଙ୍ଗରିପୋଷି | ୦୩.୦୩.୨୦୨୩ | କରଞ୍ଜିଆ | ୨୭.୦୩.୨୦୨୩ |
| ଗୋପବନ୍ଧୁ ନଗର | ୦୪.୦୩.୨୦୨୩ | ଠାକୁରମୁଣ୍ଡା | ୨୮.୦୩.୨୦୨୩ |
| ଖୁଣ୍ଟା | ୧୩.୦୩.୨୦୨୩ | ରରୁଆଁ | ୨୯.୦୩.୨୦୨୩ |
| କପ୍ତିପଦା | ୧୪.୦୩.୨୦୨୩ | ସୁକ୍ରୁଳି | ୩୧.୦୩.୨୦୨୩ |

ଜିଲ୍ଲା ନିୟୋଜନ ଅଧିକାରୀ, ମୟୂରଭଞ୍ଜ,
ଫୋନ: ୦୬୭୯୨-୨୫୨୭୪୭

ଜିଲ୍ଲାପାଳ, ମୟୂରଭଞ୍ଜ

District Employment Officer
Mayurbhanj, Baripada